# NATIONAL NEWS BULLETIN (ODIA)

**12 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଅଧୀନରେ ଦୁର୍ବଳ ଆଦିମ ଜନଜାତି ବର୍ଗଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି - କହିଲେ ରାଷ୍ଟ୍ରପତି ।
- ବାୟୁ ପ୍ରଦୂଷଣ ପ୍ରସଙ୍ଗରେ ଲୋକସଭାରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବାନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସୂଚନା ।
- ଦେଶରେ ଗତ ୧୦ ବର୍ଷ ମଧ୍ୟରେ ଫସଲ ଉତ୍ପାଦନ ୪୪ ପ୍ରତିଶତ ବୃଦ୍ଧି ପାଇଛି ।

ଏବଂ

- ପୂର୍ବତନ ଲୋକସଭା ବାଚସ୍ପତି ଶିବରାଜ ପାଟିଲଙ୍କ ୯୧ ବର୍ଷ ବୟସରେ ପରଲୋକ ।

## ପ୍ରେସିଡେଣ୍ଟ-ମଣିପୁର

ପ୍ରଧାନମନ୍ତ୍ରୀ ଜନମନ ଅଧୀନରେ ଆଦିବାସୀ ସଂପ୍ରଦାୟ ବିଶେଷକରି ଅତିଦୁର୍ବଳ ଆଦିମ ଜନଜାତି ଗୋଷ୍ଠୀଙ୍କ ଉନ୍ନତି ପାଇଁ ଅନ୍ୟଏକ ପଦକ୍ଷେପ ନିଆଯାଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି ମୁର୍ମୁ ଆଜି ଇମ୍ଫାଲଠାରେ ସେନାପତି ନୁପିଲାଲ ସ୍ମାରକୀସ୍ଥଳ ଗସ୍ତ କରି ମଣିପୁରର ବୀର ମହିଳା ଯୋଦ୍ଧାମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି

ଜିଲ୍ଲାର ବିକାଶ ଲାଗି କେତେ ଗୁଡ଼ିଏ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି ।

ଦୁଇ ଦିନିଆ ମଣିପୁର ଗସ୍ତରେ ଯାଇ ରାଷ୍ଟ୍ରପତି ଗତକାଲି ଅପରାହ୍ଣରେ ଇମ୍ଫାଲ୍ ଠାରେ ପହଞ୍ଚିଥିଲେ । ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ମୁର୍ମୁ ୧ହଜାର ୩୮୭ କୋଟି ଟଙ୍କା ମୂଲ୍ୟ ଅଟକଳର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା, ସଡ଼କ ଓ ରାଜପଥ, ଆଦିବାସୀ ବିକାଶ, କୃଷି, ବିଦ୍ୟୁତ୍ ଓ ପାନୀୟ ଜଳ କ୍ଷେତ୍ର ଆଦି ରହିଛି ।

## ଆର୍‌ଏସ୍-କର୍ପ ପ୍ରଡକ୍ସନ

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ଫସଲ ଉତ୍ପାଦନ ୪୪ ପ୍ରତିଶତ ବୃଦ୍ଧି ପାଇଛି ବୋଲି କେନ୍ଦ୍ର ସରକାର କହିଛନ୍ତି । ଆଜି ରାଜ୍ୟସଭାରେ ପ୍ରଶ୍ନକାଳ ସମୟରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ନୂତନ କିସମ ବିହନ, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ଉନ୍ନତ କୃଷିପଦ୍ଧତି ଯୋଗୁଁ ଏହା ସମ୍ଭବ ହୋଇପାରିଛି । କୃଷିକ୍ଷେତ୍ରରେ ବ୍ୟାପକ ବିକାଶ ସୁନିଶ୍ଚିତ କରିବା ଲାଗି ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ମୋଦୀ ସରକାର କୃଷକମାନଙ୍କ ଆୟବୃଦ୍ଧି ଏବଂ ସାମଗ୍ରିକ କୃଷି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । କୃଷି ଉତ୍ପାଦନ ବୃଦ୍ଧି ପାଇଁ ୬ ସୂତ୍ରୀ ରଣନୀତି କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

**V/O (Sibraj Singh Chouhan)**

ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ସରକାର କୃଷକମାନଙ୍କୁ ୨ ଲକ୍ଷ କୋଟି ଟଙ୍କାର ସାର ସବ୍‌ସିଡି ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି ଅଧୀନରେ ୪ ଲକ୍ଷ କୋଟିରୁ ଅଧିକ ଟଙ୍କା ସିଧାସଳଖ ଡିବିଟି ଜରିଆରେ କୃଷକଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି । ଶ୍ରୀ ଚୌହ୍ୱାନ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ କୃଷକମାନଙ୍କ ଆକାଉଣ୍ଟରେ ୧ ଲକ୍ଷ ୯୦ ହଜାର କୋଟି ଟଙ୍କାର ଫସଲ କ୍ଷତିପୂରଣ ରାଶି ଜମା କରାଯାଇଛି ।

## ଏଲ୍‌ଏସ୍‌-ଏୟାର ପଲୁସନ

ବାୟୁ ପ୍ରଦୂଷଣ ପ୍ରସଙ୍ଗରେ ସରକାର ଲୋକସଭାରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ଶ୍ରୀ ରିଜିଜୁ କହିଛନ୍ତି ବିରୋଧୀଦଳ ନେତା ବ୍ୟବସାୟିକ ପରାମର୍ଶଦାତା କମିଟିରେ ଏହି ପ୍ରସଙ୍ଗ ଉଠାଇଥିବାରୁ ସରକାର ଏହା ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ ଏବଂ ନିୟମ ଅନୁଯାୟୀ ଆଲୋଚନା କିପରି ହେବ ତାହା ସ୍ଥିର କରାଯିବ । ଶ୍ରୀ ରିଜିଜୁ ଆହୁରି କହିଛନ୍ତି ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାର ବିରୋଧୀ ଦଳର ପରାମର୍ଶକୁ ଗ୍ରହଣ କରି ସମାଧାନର ସୂତ୍ର ବାହାର କରିବାକୁ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ।

ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଦେଶ ଏବେ ଗୁରୁତର ଭାବେ ସମ୍ମୁଖୀନ ହୋଇଥିବା ବାୟୁ

ପ୍ରଦୂଷଣ ସମସ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏହା କୌଣସି ଆଦର୍ଶଗତ ପ୍ରସଙ୍ଗ ହୋଇନଥିବାରୁ ଏହା ଉପରେ ସଂସଦରେ ଆଲୋଚନା ମାଧ୍ୟମରେ ବିରୋଧୀ ଏବଂ ସରକାରଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ଉତ୍ତମ ବୁଝାମଣା ହେବା ଆବଶ୍ୟକ । ସହର ଗୁଡ଼ିକରେ ବାୟୁ ପ୍ରଦୂଷଣରୁ କିପରି ମୁକ୍ତି ମିଳିବ ସେଥିପାଇଁ ସରକାର ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । କଂଗ୍ରେସ ସମେତ ଅନ୍ୟ ବିରୋଧୀଦଳ ଗୁଡ଼ିକ ଏଭଳି ଯୋଜନାର ବିକାଶକୁ ସମର୍ଥନ କରି ଖୁସି ଅଛନ୍ତି ବୋଲି ଶ୍ରୀ ଗାନ୍ଧୀ କହିଛନ୍ତି ।

## ଶିବରାଜ ପାଟିଲ ଡେଥ୍

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଗୃହ ମନ୍ତ୍ରୀ ଶିବରାଜ ପାଟିଲଙ୍କର ୯୧ ବର୍ଷ ବୟସରେ ଆଜି ସକାଳେ ମହାରାଷ୍ଟ୍ରର ଲାତୁରରେ ଦେହାନ୍ତ ହୋଇଯାଇଛି । ଆସନ୍ତାକାଲି ପୂର୍ବାହ୍ନରେ ଲାତୁର ନିକଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ରହିଛି ।

ଲୋକସଭାରେ ବାଚସ୍ପତି ଦାୟିତ୍ୱ ତୁଲାଇଥିବା ଶ୍ରୀ ପାଟିଲ କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମେତ ଅନେକ ପଦପଦବୀରେ ରହିଥିଲେ । ସେ ଲାତୁର ନିର୍ବାଚନ ମଣ୍ଡଳୀରୁ ୭ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ ।

ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଗଭୀର ଶୋକବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି ଦୀର୍ଘ

ସାର୍ବଜନୀନ ଜୀବନରେ ଶ୍ରୀ ପାଟିଲ ଲୋକସଭା ବାଚସ୍ପତି, କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ, ସାଂସଦ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଶ୍ରୀ ପାଟୀଲଙ୍କୁ ଜଣେ ଅଭିଜ୍ଞ ନେତା ଭାବେ ବର୍ଣ୍ଣନା କରି କହିଛନ୍ତି ତାଙ୍କ ସାର୍ବଜନୀନ ଜୀବନରେ ସମାଜ କଲ୍ୟାଣରେ ଯୋଗଦାନ ପାଇଁ ବହୁ ଆଗ୍ରହୀ ଥିଲେ । ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଶ୍ରୀ ପାଟିଲଙ୍କ ଦେହାନ୍ତ ଦେଶର ସାର୍ବଜନୀନ ଏବଂ ସଂସଦୀୟ ଜୀବନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷତି ।

**V/O (Omm Birla)**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପାଟିଲଙ୍କୁ ଜଣେ ମର୍ଯ୍ୟାଦାପୂର୍ଣ୍ଣ ଏବଂ ସଂସ୍କାରବାଦୀ ନେତା ଭାବେ ଅଭିହିତ କରିଛନ୍ତି ।

# ଏଲ୍ଏସ୍-ଆୟୁଷ୍ମାନ ଭାରତ

ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଆୟୁଷ୍ମାନ ଭାରତରେ ଜାଲିଆତି କାର୍ଯ୍ୟକଳାପ ପାଇଁ ୧ହଜାର ୧୮୪ଟି ଡାକ୍ତରଖାନାକୁ ସେବା ରହିତ କରିଦିଆଯାଇଥିବା ସରକାର କହିଛନ୍ତି ।

ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ କହିଛନ୍ତି, ଠକେଇ କରୁଥିବା ସଂସ୍ଥାଗୁଡ଼ିକୁ

୨୩୧କୋଟିରୁ ଅଧିକ ଟଙ୍କା ଜୋରିମାନା କରାଯାଇଛି । ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକ ଦ୍ୱାରା ଏପର୍ଯ୍ୟନ୍ତ ଏହି ଯୋଜନାରେ ଜାଲିଆତି କରିଥିବା ୪୧୧ଟି ହସ୍ପିଟାଲକୁ ସେବା ତାଲିକାରୁ ବାତିଲ କରିଦିଆଯାଇଛି । ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣରେ ଜାତୀୟ ଠକେଇ ବିରୋଧୀ ୟୁନିଟ୍ ପ୍ରତିଷ୍ଠା କରାଯାଇ ଏହିସବୁ ଠକେଇ ମାମଲାର ତଦନ୍ତ କରାଯିବା ସହ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ୟୁପିଏସ୍‌ସି-ପିଡବ୍ଲ୍ୟୁବିଡି

ବିଶିଷ୍ଟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ କେନ୍ଦ୍ର ଲୋକସେବା ଆୟୋଗ-ୟୁପିଏସ୍‌ସି ଏହାର ପରୀକ୍ଷା ଗୁଡ଼ିକୁ ଅଧିକ ସୁଲଭ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ ଘୋଷଣା କରିଛନ୍ତି । ପ୍ରତ୍ୟେକ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ଆବେଦନ ଫର୍ମରେ ଦର୍ଶାଯାଇଥିବା ସୂଚନା ଅନୁଯାୟୀ ପ୍ରାର୍ଥୀମାନଙ୍କୁ ସେମାନଙ୍କ ପସନ୍ଦର କେନ୍ଦ୍ର ଆବଣ୍ଟିତ ହୋଇଥିବା ସୁନିଶ୍ଚିତ କରାଯିବ । କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ଅଂଶବିଶେଷ ସ୍ୱରୂପ ୟୁପିଏସ୍‌ସି ପ୍ରଥମେ ଉଭୟ ପିଡବ୍ଲ୍ୟୁବିଡି ଏବଂ ଅଣ ପିଡବ୍ଲ୍ୟୁବିଡି ପ୍ରାର୍ଥୀଙ୍କ ପାଇଁ ପ୍ରତ୍ୟେକ କେନ୍ଦ୍ରର ବର୍ତ୍ତମାନର କ୍ଷମତାକୁ ଉପଯୋଗ କରିବ । ଥରେ ଏହି କେନ୍ଦ୍ର ପୂର୍ଣ୍ଣକ୍ଷମତାରେ ପହଞ୍ଚିବା ପରେ ଏହା ଅଣ ପିଡବ୍ଲ୍ୟୁବିଡି ଆବେଦନକାରୀଙ୍କ ପାଇଁ ଆଉ ଉପଲବ୍ଧ

ହେବ ନାହିଁ; କିନ୍ତୁ ପିଡବ୍ଲ୍ୟୁବିଡି ପ୍ରାର୍ଥୀମାନେ ପୁଣିଥରେ ଏହାକୁ ଚୟନ କରିବାକୁ ସକ୍ଷମ ହେବେ । ଆୟୋଗ କହିଛନ୍ତି କୌଣସି ପିଡବ୍ଲ୍ୟୁଡି ଆବେଦନକାରୀ ତାଙ୍କ ପସନ୍ଦଯୋଗ୍ୟ ପରୀକ୍ଷା କେନ୍ଦ୍ରରୁ ବଞ୍ଚିତ ନହେବା ପାଇଁ ଅତିରିକ୍ତ କ୍ଷମତା ବ୍ୟବସ୍ଥା ମଧ୍ୟ କରାଯିବ ।

## ଶେଖାୱତ ଟୁରିଜିମ

ଭାରତ-କ୍ରୁଜ୍ ପର୍ଯ୍ୟଟନ ପାଇଁ ଏକ ନୂତନ ହବ୍‌ରେ ପରିଣତ ହେଉଛି । ହୋଟେଲ ଏବଂ ରେଷ୍ଟୋରାଁ ଗୁଡ଼ିକ ଯଥେଷ୍ଟ ଅଭିବୃଦ୍ଧି କରୁଛନ୍ତି ଏବଂ ପ୍ରମୁଖ ବିଶ୍ୱସ୍ତରୀୟ ହୋଟେଲ ଗୋଷ୍ଠୀ ଦେଶରେ ବିନିଯୋଗ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଦେଶରେ ପର୍ଯ୍ୟଟନ ବୃଦ୍ଧି କରିବାରେ ବନ୍ଦେ ଭାରତର ଭୂମିକା ଉପରେ ଆଲୋକପାତ କରିଥିଲେ ।

**V/O (Gajendra)**

ମନ୍ତ୍ରୀ ଶ୍ରୀ ଶେଖାୱତ କହିଛନ୍ତି ଗତ ୧୧ ବର୍ଷ ମଧ୍ୟରେ ସଡ଼କ ଭିତ୍ତିଭୂମି, ରେଳପଥ ଏବଂ ଜଳପଥରେ ଯେଉଁଭଳି ଭାବରେ ପରିବର୍ତ୍ତନ ହୋଇଛି ତାହା କେବଳ ଦେଶର ଅର୍ଥନୀତିକୁ ପ୍ରଭାବିତ କରିନାହିଁ ବରଂ ପର୍ଯ୍ୟଟନ କ୍ଷେତ୍ରରେ ଅଭୂତପୂର୍ବ ଅଭିବୃଦ୍ଧି ଘଟାଇଛି । ପ୍ରମୁଖ କରିଡର ଗୁଡ଼ିକରେ କବଚ ବ୍ୟବସ୍ଥାକୁ ଯୋଡ଼ିଦିଆଯାଉଛି ଏବଂ ରେଳ ଦୁର୍ଘଟଣାକୁ ହ୍ରାସ

କରିବା ପାଇଁ ଡ୍ରୋନ୍ ମନିଟରିଂ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ କହଛନ୍ତି ।

## ଏଲ୍ଏସ୍-ଟିବି

ଭାରତରେ ଯକ୍ଷ୍ମା ମାମଲାର ହାର ୨୧ ପ୍ରତିଶତ ହ୍ରାସ ପାଇଛି । ୨୦୧୫ ମସିହାରେ ପ୍ରତି ଲକ୍ଷେ ଜନସଂଖ୍ୟାରେ ୨୩୭ଜଣ ଯକ୍ଷ୍ମାରେ ପୀଡିତ ଥିବାବେଳେ ୨୦୨୪ ମସିହାରେ ଏହି ସଂଖ୍ୟା ୧୮୭କୁ ଖସିଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଆଜି ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗ୍ଲୋବାଲ ଟିବି ରିପୋର୍ଟ-୨୦୨୫ ଅନୁଯାୟୀ ୨୦୧୫ରୁ ୨୦୨୪ ମସିହା ମଧ୍ୟରେ ଯକ୍ଷ୍ମାଜନିତ ମୃତ୍ୟୁହାର ୨୫ ପ୍ରତିଶତ ହ୍ରାସ ପାଇଛି । ଭାରତରେ ଯକ୍ଷ୍ମା ଚିକିତ୍ସା କଭରେଜ ୨୦୧୫ରେ ୫୩ ପ୍ରତିଶତ ଥିବାବେଳେ ୨୦୨୪ରେ ୫୨ ପ୍ରତିଶତରେ ପହଞ୍ଚିଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦେଶର ସମସ୍ତ ରାଜ୍ୟରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକାରୀ କରାଯାଉଛି । ଏହି ଅଭିଯାନ ଅଧୀନରେ ଚଳିତବର୍ଷ ୨୬ଲକ୍ଷ ୪୩ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଏପି-ବସ୍ ଆକ୍ସିଡେଣ୍ଟ

ଆନ୍ଧ୍ରପ୍ରଦେଶର ଅଲୋରି ସୀତାରାମାରାଜୁ ଜିଲ୍ଲାରେ ଆଜି ସକାଳେ ଘଟିଥିବା ଏକ ଘରୋଇ ବସ୍ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୯କୁ ବୃଦ୍ଧି ପାଇଛି । ତୁଲସୀପାକା ଗ୍ରାମ ନିକଟସ୍ଥ ଚିଣ୍ଟୁରୁ-ମାରେଡୁମିଲି ଘାଟୀ ରାସ୍ତାରେ ପଡୋଶୀ ତେଲେଙ୍ଗାନା ରାଜ୍ୟ ଅଭିମୁଖେ ୩୫ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ଘରୋଇ ବସ୍‌ଟିର ଚାଳକ ନିୟନ୍ତ୍ରଣ ହରାଇବାରୁ ରାସ୍ତା ତଳକୁ ଖସି ପଡିଥିଲା । ଏଥିରେ ୨୨ଜଣ ଯାତ୍ରୀ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଏଥିସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।